ପ୍ରେସ୍ ନୋଟ୍

# ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ।

ଅନୁଗୋଳ,ତା. ୬.୭:- ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ସ୍ତରୀୟ ପ୍ରବନ୍ଧ,ବକ୍ତୃତା, କବିତା ଆବୃତ୍ତି,ସାଧାରଣ ଜ୍ଞାନ ଓ ଇଂରାଜୀରୁ ଓଡିଆ ଅନୁବାଦ ପ୍ରତିଯୋଗିତା ଅନୁଗୋଳ ଜିଲ୍ଲା ପାଠାଗାର ଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୫୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର କନିଷ୍ଠ ବର୍ଗ ରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ଓ ବରିଷ୍ଠ ବିଭାଗରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଶ୍ରୀ କୁମୁଦ ଚନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ପ୍ରାଧ୍ୟାପକ ଶ୍ରୀ କୁମୁଦ ଚନ୍ଦ୍ର ଦାସ, ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ଶାନ୍ତନୁ କୁମାର ସର, ଡ. ଇନ୍ଦିରା ଦାସ, ଡ. ଦଧିବାମନ ପ୍ରଧାନ, ଶ୍ରୀ ରାଧାକାନ୍ତ ମହାନ୍ତି ଓ ଓଡିଶା ସାହିତ୍ୟ ଏକାଡେମୀର ଅନୁଗୋଳ ଜିଲ୍ଲା ସଦସ୍ୟ ଶ୍ରୀ ସଂଗ୍ରାମ ରଂଜନ ପୃଷ୍ଟି ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ବରିଷ୍ଠ ବିଭାଗ ପ୍ରବନ୍ଧ ପ୍ରତିଯୋଗିତାରେ ବନ୍ତଲା ବାଳିକା ଉଚ୍ଚ ବିଦ୍ୟାଳୟର ତେଜସ୍ୱିନୀ ସାହୁ ପ୍ରଥମ , ଗଡତରାସ ଜନତା ବିଦ୍ୟାଳୟର ଅନ୍ୱେଷା କିରଣ ପ୍ରଧାନ ଦ୍ୱିତୀୟ, ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟର ସୀମାରେଖା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବକ୍ତୃତା ପ୍ରତିଯୋଗିତାରେ ତାଳଚେର ଡି ଏ ଭି ପବ୍ଲିକ୍ ସ୍କୁଲର ପୂର୍ଣ୍ଣିମା ମିଶ୍ର ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟର ଅଭିଲିପସା ଆଚାର୍ଯ୍ୟ ଦ୍ୱିତୀୟ, ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଓମ୍ ସୃଷ୍ଟି ସ୍ୱରୁପ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । କବିତା ଆବୃତ୍ତି ପ୍ରତିଯୋଗିତାରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଅମିଶା ଦିବ୍ୟ ଦର୍ଶିନୀ ସାହୁ ପ୍ରଥମ ସ୍ଥାନ, ରାମଦେଓ ନୋଡାଲ ସ୍କୁଲର ସ୍ମାଇଲ୍ ସାହୁ ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅନୁଗୋଳର ରଶ୍ମି ରଂଜନ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ସାଧାରଣ ଜ୍ଞାନ ଓ ଅନୁବାଦ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅନୁଗୋଳର ଗୌରୀ ଶଙ୍କର ନନ୍ଦ ପ୍ରଥମ, ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରାଚୀ ପ୍ରିୟଦର୍ଶିନୀ ପ୍ରଧାନ ଦ୍ୱିତୀୟ ଓ ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟର ଖୁସ୍‌ବୁ ପ୍ରୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଷଷ୍ଠରୁ ସପ୍ତମ ଶ୍ରେଣୀ ସାଧାରଣ ଜ୍ଞାନ ଓ ଅନୁବାଦ ପ୍ରତିଯୋଗିତାରେ

ଖଣ୍ଡହତା ଆଦର୍ଶ ଉଚ୍ଚ ବିଦ୍ୟାଳୟର ସୌମ୍ୟା ପ୍ରିୟଦର୍ଶିନୀ ସାହୁ ପ୍ରଥମ, ତାଳଚେର ଆଦର୍ଶ ଉଚ୍ଚ ବିଦ୍ୟାଳୟ ମହୁଲପାଳର ସୁଶ୍ରୀ ସ୍ୱୟଂଶ୍ରୀ ମଣ୍ଡଳ ଦ୍ୱିତୀୟ, ରାମଦେଓ ସରକାରୀ ଉଚ୍ଚ ବିଦ୍ୟାଳୟର ହିଂମାଶୁ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଖଲାରୀ ଉଚ୍ଚ ବିଦ୍ୟାଳୟର ଆହ୍ୱାନ ସାହୁ ପ୍ରଥମ, ଲିଟଲ ହାର୍ଟସ ଟଡଲରସ ଏକାଡେମୀର ଅର୍ଚ୍ଚିତା ସାହୁ ଦ୍ୱିତୀୟ, ଆଦର୍ଶ ଉଚ୍ଚ ବିଦ୍ୟାଳୟ ମହୁଲପାଳର ଶକ୍ତି ଶେଖର ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବକ୍ତୃତା ପ୍ରତିଯୋଗିତାରେ ଡି ଏ ଭି ତାଳଚେର ପି ଶୁଭଶ୍ରୀ ପ୍ରଥମ, ଡି ଏ ଭି ତାଳଚେରର ଅନ୍ୱେଶା ଅନନ୍ୟା ଦେହୁରୀ ଦ୍ୱିତୀୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡହତାର ସଂସ୍କୃତି ସାହୁ ତୃତୀୟ ସ୍ଥାନଅଧିକାର କରିଛନ୍ତି । କନିଷ୍ଠ ବିଭାଗ କବିତା ଆବୃତ୍ତି ପ୍ରତିଯୋଗିତାରେ ଡି ଏ ଭି ଡେରାର ସାଧାନ ରାଉତ ପ୍ରଥମ, ସରକାରୀ ବିଦ୍ୟାଳୟ କିଶୋନଗରର ରନ୍ମଂଜରୀ ବାରିକ ଦ୍ୱିତୀୟ ଓ ଉତ୍ତରପଡା ଉପ୍ରା ବିଦ୍ୟାଳୟ ନିକିତାମୟୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସୂଚନା ଯୋଗ୍ୟ ଯେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କନିଷ୍ଠ ବିଭାଗର ଛାତ୍ର ଛାତ୍ରୀମାନେ ଚଳିତ ମାସ ୧୦ ତାରିଖ ଓ ବରିଷ୍ଠ ବିଭାଗର ଛାତ୍ର ଛାତ୍ରୀମାନେ ଚଳିତ ମାସ ୧୭ ତାରିଖରେ ବକ୍ସି ଜଗବନ୍ଧୁ ସ୍ୱାୟଂ ଶାସିତ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ପ୍ରତିଯୋଗିତାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦୁଃଶାସନ ନାଏକ ଓ ଜିଲ୍ଲା ପାଠାଗାରର ଗ୍ରନ୍ଥାଗାରିକ ଶ୍ରୀ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ପରିଚାଳନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୭୨ ତା.୦୬.୦୭.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,

ଅନୁଗୋଳ ।




KEEP SILENCE PLEAS
ନୀରବତା ରକ୍ଷା କରନ୍ତୁ
KEEP YOUR CELL PHONE
IN SILENCE MODE INSIDE TH
READING ROOM
ଓଡିଶା ସାହିତ୍ୟ ଏକାଡେମୀର ସନକ୍ଷତ୍ର ଦିବସ ଉପଲକ୍ଷେ ଆୟୋଜିତ
ଜିଲ୍ଲା ସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ଓ
ଇଂରାଜୀରୁ ଓଡିଆ ଅନୁବାଦ ପ୍ରତିଯୋଗିତା
ସ୍ଥାନ : ଜିଲ୍ଲା
ତା- ୦୬,
ଆୟୋଜକ :-
ପରିଷଦ,